## ଦେଶୀମଦ ଜବତ, ଜଣେ ଗିରଫ

**ବନ୍ତ, ୧।୩(ହରିନାରାୟଣ ମହାନ୍ତି)**

ବନ୍ତ ଥାନା ଅଧୀନ ଗିଲୋ କଣ୍ଟାପଡ଼ା ଗ୍ରାମରେ ଶନିବାର ସନ୍ଧ୍ୟାରେ ପୋଲିସ ଚଢ଼ାଉ କରି ୬୦ ଲିଟର ଦେଶୀମଦ ଜବତ କରିଛି। ଏଥିରେ ସମ୍ପୃକ୍ତ ନରେନ୍ଦ୍ର ଦାସ(୬୬)ଙ୍କୁ ପୋଲିସ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ସୂଚନା ଅନୁଯାୟୀ, ପୋଲିସ ବନ୍ତ, ଗିଲୋ, ଅଡାଳପଙ୍କ ଅଞ୍ଚଳରେ ପାଟ୍ରୋଲିଂ ଓ ଅବକାରୀ ଚଢ଼ାଉ କରୁଥିଲା। ଗିଲୋ କଣ୍ଟାପଡ଼ା ଗ୍ରାମରେ ଚୋରା ଦେଶୀ ମଦ ଗଚ୍ଛିତ, ବିକ୍ରି ହେଉଥିବା ନେଇ ଖବର ପାଇ ପୋଲିସ ଚଢ଼ାଉ କରିଥିଲା। ପୋଲିସକୁ ଦେଖି ଗ୍ରାହକମାନେ ପଳାଇ ଯାଇଥିବା ବେଳେ ନରେନ୍ଦ୍ରଙ୍କୁ ଗିରଫ କରାଯାଇଥିଲା।

# ମେଳଣ, ରାମ ନବମୀରେ ବାଜିବନି ଡିଜେ

**ତିହିଡ଼ି, ୧।୩(ସଞ୍ଜିତ ବଳ)**

ତିହିଡ଼ି ବ୍ଲକର ବିଭିନ୍ନ ସ୍ଥାନରେ ଦେଶୀ ମେଳଣ ଆରମ୍ଭ ହୋଇଯାଇଛି। ଦୋଳ ପୂର୍ଣ୍ଣିମା ରାତିଠାରୁ ପ୍ରତିଷ୍ଠିତ ମେଳଣ ଆରମ୍ଭ ହେବ। ଏହାବ୍ୟତୀତ ରାମ ନବମୀ ଉପଲକ୍ଷେ ମଧ୍ୟ ତିହିଡ଼ି ଉତ୍ସବମୁଖର ହେବ। କୌଣସି ମେଳଣ ଅଥବା ରାମ ନବମୀରେ ଡିଜେ ବାଜିବା ଉପରେ ପୋଲିସ ପ୍ରଶାସନ ପକ୍ଷରୁ ଶନିବାର କଟକଣା ଜାରି କରାଯାଇଛି। କୌଣସି ଉତ୍ସବରେ ଡିଜେ କିମ୍ବା ଭାଇବ୍ରେଟର ବାଜିପାରିବ ନାହିଁ। ଏନେଇ ତିହିଡ଼ି ପୋଲିସ ପକ୍ଷରୁ ଡାକବାଜି ଯନ୍ତ୍ର ମାଧ୍ୟମରେ ପ୍ରଚାର କରାଯାଇଛି।

ତିହିଡ଼ିରେ ବେଶ୍ ଜାକଜମକର ସହ ଦୋଳ ମେଳଣ ଓ ରାମ ନବମୀ ଅବସରରେ ଦଶମୀ ଉତ୍ସବ ଅନୁଷ୍ଠିତ ହୋଇଥାଏ। ଦୋଳ ପୂର୍ଣ୍ଣିମା ଦିନ ମଧ୍ୟ ବିଭିନ୍ନ ସ୍ଥାନରେ କୁମ୍ଭ ମେଳଣ ହୋଇଥାଏ। ପୂର୍ଣ୍ଣିମା ରାତିରେ ଐତିହାସିକ କାଳୀମେଘା, ଝାଡ଼ପଟା, ତିହିଡ଼ି ଓ କୋହ୍ଲ ମେଳଣ ହେବ। ସେହିଦିନ ଅପରାହ୍ଣରେ ବାରୋ, କୋହ୍ଲ ଇତ୍ୟାଦି ସ୍ଥାନରେ କୁମ୍ଭ ମେଳଣ ରହିଛି। କେତେକ ମେଳଣରେ ଠାକୁରବାଡ଼ିଆମାନେ ଡିଜେ ସହ ବିମାନ ଶୋଭାଯାତ୍ରା କରିଥାନ୍ତି। ଡିଜେ ଯୋଗୁ ବିଭିନ୍ନ ସ୍ଥାନରେ ଅଘଟଣ ଘଟି କେତେକଙ୍କ ପ୍ରାଣହାନି ହେବା ପରେ ପ୍ରଶାସନ ପକ୍ଷରୁ ଡିଜେ ଉପରେ କଟକଣା ଜାରି କରାଯାଇଥିଲା। ଏପରିକି ବିବାହ ଉତ୍ସବରେ ମଧ୍ୟ ଡିଜେ ନିଷେଧ କରାଯାଇଥିଲା। ତେବେ କିଛିଦିନ ପରେ ପୁଣି ସବୁଠି ଡିଜେ ବାଜିଥିଲା। କିଛିଦିନ ପୂର୍ବେ ତିହିଡ଼ି ଥାନା ଆଇଆଇସି ସତ୍ୟବ୍ରତ ଗ୍ରହାଚାର୍ଯ୍ୟ ଓ ଠାକୁରବାଡ଼ିଆଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଥିଲା। କାଳୀମେଘା ମେଳଣରେ ଡିଜେ ବଜାଇବେ ନାହିଁ ବୋଲି ଠାକୁରବାଡ଼ିଆମାନେ ପ୍ରତିଶ୍ରୁତି ଦେଇଥିଲେ। ତେବେ ଅନ୍ୟସବୁ ମେଳଣରେ ଡିଜେ ବାଜିବା ଏକପ୍ରକାର ନିଶ୍ଚିତ ହୋଇଥିଲା। ପ୍ରଶାସନର କଟକଣା ପରେ ସେହିସବୁ ମେଳଣର ଠାକୁରବାଡ଼ିଆମାନେ ଚିନ୍ତାରେ ପଡ଼ିଯାଇଛନ୍ତି। କାରଣ ସେମାନେ ମେଳଣରେ ବଜାଇବାକୁ ଡିଜେକୁ ଅଗ୍ରୀମ ଦେଇସାରିଛନ୍ତି। ତେବେ ପ୍ରଶାସନ ପକ୍ଷରୁ ଡିଜେ ବନ୍ଦ ନିଷ୍ପତ୍ତିକୁ ସ୍ୱାଗତ କରାଯାଇଛି।

## ଶ୍ରୀଚୈତନ୍ୟ ଦେବଙ୍କ ନବକଳେବର ଉତ୍ସବ ଉଦ୍‌ଯାପିତ



ଉତ୍ସବରେ ସାଧୁ ସନ୍ଥଙ୍କ ସମାବେଶରେ ଜିଲାପାଳ ଦିଲୀପ କୁମାର ରାଉତରାଏ।

**ଧାମନଗର, ୧।୩(ଦେବେନ୍ଦ୍ର ଆଦିଆ)**

ଧାମନଗର ବ୍ଲକ ସୋହଡ଼ା ପଞ୍ଚାୟତ ଗୌରାଙ୍ଗପୁର ଜୟନ୍ତରାଠାରେ ଶ୍ରୀଚୈତନ୍ୟ ଦେବଙ୍କ ନବକଳେବର ତଥା ପ୍ରାଣ ପ୍ରତିଷ୍ଠା ଉତ୍ସବ ଶନିବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ୫ଦିନ ବ୍ୟାପୀ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପାରମ୍ପରିକ ରୀତିନୀତି ଅନୁଯାୟୀ ନାମଯଜ୍ଞ, ନଗର ପରିକ୍ରମା ଓ ପୂଜାର୍ଚ୍ଚନା କରାଯାଇଥିଲା। ମୁଖ୍ୟ ପୁରୋଧା ବରଦା ପ୍ରସନ୍ନ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଜଗତସିଂହପୁର ଜିଲା ନାଉଗାଁସ୍ଥିତ ଜାଗୁଲାଇ ପୀଠର ମା' ସାରଳା ପୁତ୍ର ଶ୍ରୀମତ୍ ସତ୍ୟାନନ୍ଦ ବାବା ମହାରାଜ, ପୁରୀ ରାଧାବଲ୍ଲଭ ମଠ ମହନ୍ତ ଶ୍ରୀ ରାମକୃଷ୍ଣ ବାବା ମହାରାଜ, କଟକ ରୀତି ମିଶନ ଅଧ୍ୟକ୍ଷ ତଥା ଅନେକ ସନାତନ ଧର୍ମ ଗ୍ରନ୍ଥ ରଚୟିତା ଶ୍ରୀମତ୍ ସନ୍ଥ ମହାରାଜ, ନିମପୁରର ଶ୍ରୀମଦ୍ ଭାଗବତ ବାୟା ବାବା, ଜଗତସିଂହପୁରସ୍ଥିତ ଆୟତ ପୋଖପୁର ମଠ ମହନ୍ତ ତ୍ରିଲୋଚନ ଦାସ ମହାରାଜ, କୋଣାର୍କ ପଞ୍ଚସଖା ଆଶ୍ରମର ଶ୍ରୀମତ୍ କୃଷ୍ଣ ବାବା, ଜଗତସିଂହପୁର ହାଜିପୁରସ୍ଥିତ ପଞ୍ଚସଖା ଧାନକୁଦ ପୀଠର ଆଚାର୍ଯ୍ୟ ପ୍ରେମ ସାଗର ବାବା ଅରକ୍ଷିତ ଦାସ ମହାରାଜ ପ୍ରମୁଖ ଯୋଗଦେଇ ଶ୍ରୀଜଗନ୍ନାଥ ତତ୍ତ୍ୱ, ଶ୍ରୀଚୈତନ୍ୟ ରସାମୃତ ଓ ମାଳିକା ଉପରେ ଆଲୋଚନା କରିଥିଲେ। ସତ୍ୟ, ତ୍ରେତୟା, ଦ୍ୱାପର ଓ କଳିଯୁଗର ଅବତାର ପୁରୁଷମାନେ କିପରି ଧରାଧାମକୁ ଆସି ମୋକ୍ଷପ୍ରାପ୍ତର ମାର୍ଗଦର୍ଶନ ଦେଇଛନ୍ତି, ତାହାର ବିଶ୍ଳେଷଣ କରି ଶ୍ରଦ୍ଧାଳୁଙ୍କୁ ଅବଲୋକନ କରାଇଥିଲେ।

ସନ୍ଧ୍ୟାରେ ସାଧୁମାନଙ୍କ ଗହଣରେ ଭଦ୍ରକ ଜିଲାପାଳ ଦିଲୀପ କୁମାର ରାଉତରାଏ ଯୋଗଦେଇ ଧାମନଗର ମାଟିର ସଂସ୍କୃତି, ପରମ୍ପରା, ଐତିହ୍ୟ ଓ ଈଶ୍ୱରଙ୍କ ବାସ୍ତବତା ଉପରେ ପ୍ରକାଶ କରିବା ସହ ଈଶ୍ୱରଙ୍କ ବିନା ସମ୍ଭବତାର ପ୍ରତିଛବି ଅଙ୍କାଯାଇ ନ ପାରେ ବୋଲି କହିଥିଲେ। ଏଥିସହ ପୌରାଣିକ ଓ ଆଧ୍ୟାତ୍ମିକ ଚେତନା ବାର୍ତ୍ତା ଦେଇଥିଲେ। ଏହି ଅବସରରେ ଜଗତସିଂହପୁର ଧାନକୁଦ ପୀଠର ଠାକୁର ରାଜା ପ୍ରଭାତ କୁମାର ନନ୍ଦୀ ଓ କାର୍ଯ୍ୟକ୍ରମର ମୁଖ୍ୟ ପୁରୋଧା ମହାପାତ୍ର ଜିଲାପାଳଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଓ ଶ୍ରୀଚୈତନ୍ୟଙ୍କ ମୂର୍ତ୍ତି ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ସ୍ଥାନୀୟ ଗ୍ରାମବାସୀ ଓ କମିଟି ସଦସ୍ୟ ସନ୍ତୋଷ ଦାସ ଅଧିକାରୀ, କୁଳମଣି ବେହେରା, ତପନ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଭଦ୍ରକ ଏବଂ ଯାଜପୁର ଜିଲାର ବହୁ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ।

## 'ଜନ ମାନସର ନେତା ଥିଲେ ହୃଦାନନ୍ଦ'

### ପୂର୍ବତନ ବିଧାୟକଙ୍କ ଶ୍ରାଦ୍ଧବାର୍ଷିକୀରେ ସ୍ମୃତିସଭା

**ଭଦ୍ରକ, ୧।୩(ସନାତନ ରାଉତ/ ରବିନାରାୟଣ ଖିଲାର)**

ଧାମନଗରର ପୂର୍ବତନ ବିଧାୟକ ସ୍ୱର୍ଗତ ହୃଦାନନ୍ଦ ମଲ୍ଲିକ ମହାନ ଜନନାୟକ ତଥା ଜନ ମାନସର ନେତା ଥିଲେ। ଜନସେବାକୁ ଜୀବନର ବ୍ରତ ଭାବେ ଗ୍ରହଣ କରି ସେ ଲୋକଙ୍କ ହୃଦୟ ଜିତି ପାରିଥିଲେ ବୋଲି ରବିବାର ତାଙ୍କ ୩୬ତମ ଶ୍ରାଦ୍ଧବାର୍ଷିକୀରେ ଅନୁଷ୍ଠିତ ସ୍ମୃତିସଭାରେ ବକ୍ତାମାନେ ସ୍ମୃତିଚାରଣ କରିଛନ୍ତି। ହୃଦାନନ୍ଦ ସ୍ମୃତି କମିଟି ପକ୍ଷରୁ ଭଦ୍ରକ ସହର ନୂଆବଜାରସ୍ଥିତ ଭାଗବତ କଲ୍ୟାଣ ମଣ୍ଡପରେ ଆୟୋଜିତ ସଭାରେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ସାମଲ, ଭଦ୍ରକ ବିଧାୟକ ସିତାଂଶୁ ଶେଖର ମହାପାତ୍ର, ଚାନ୍ଦବାଲି ବିଧାୟକ ତଥା ଜିଲା ବିଜେଡି ସଭାପତି ବ୍ୟୋମକେଶ ରାୟ, ପୂର୍ବତନ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ପୂର୍ବତନ ଏମ୍‌ପି ଅନନ୍ତ ସେଠୀ, ବିଧାୟକ ଅଶୋକ କୁମାର ଦାସ, ପ୍ରାକ୍ତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ରାଜେନ୍ଦ୍ର ଦାସ, ଭଦ୍ରକ ପୌରାଧ୍ୟକ୍ଷା ଗୁଲମକ୍କୀ ଦଲାୱାଜି ହବିବ, ଯୁବନେତା ଡା. ସଞ୍ଜୟ ଦାସ, ଡା. ହରେକୃଷ୍ଣ ନାୟକ, ନାରୀନେତ୍ରୀ ବିଦ୍ୟୁତଲତା ନାୟକ, ଦେବୀଦତ୍ତା ମହାନ୍ତି, କଂଗ୍ରେସ ନେତା ଅସିତ ପଟ୍ଟନାୟକଙ୍କ ସମେତ ବହୁ ନେତୃବୃନ୍ଦ, ସାମାଜିକ କର୍ମୀ ଯୋଗ ଦେଇଥିଲେ। ସ୍ୱର୍ଗତ ମଲ୍ଲିକଙ୍କ ତ୍ୟାଗ, ଆଦର୍ଶ ବିଷୟରେ ସେମାନେ ସ୍ମୃତିଚାରଣ କରିଥିଲେ। ହୃଦାନନ୍ଦଙ୍କ ଜୀବନ ଏକ ଦୀପଶିଖା ଥିଲା, ତାହା ଧାମନଗରର ଉନ୍ନତିକୁ ପଥ ପ୍ରଦର୍ଶନ କରିଥିଲା ବୋଲି ସଭାରେ ମତପ୍ରକାଶ ପାଇଥିଲା। ସ୍ମୃତି କମିଟି ସଭାପତି ଶାନ୍ତନୁ କୁମାର ରାଉତ ସଂଯୋଜନା କରିଥିଲେ। ସକାଳେ ହୃଦାନନ୍ଦଙ୍କ ଜନ୍ମମାଟି ଧୁଷୁରୀ ହସନାବାଦରେ ପ୍ରଭାତଫେରି କରାଯାଇଥିଲା। ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ ମଲ୍ଲିକ, ଜିଲା ପରିଷଦ ସଭ୍ୟ ତଥା ସ୍ମୃତି କମିଟି ସମ୍ପାଦକ ପ୍ରଦୀପ ମଲ୍ଲିକଙ୍କ ସମେତ ପରିବାର ବର୍ଗ ଦିବସବ୍ୟାପୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ସଭାରେ ଉପସ୍ଥିତ ଅତିଥି।

## ଜିଲାରେ ୧୨ହଜାରରୁ ଅଧିକ କିଶୋରୀଙ୍କୁ ଦିଆଯିବ ଟିକା



ବିଧାୟକ ସିତାଂଶୁ ଶେଖର ମହାପାତ୍ର, ଜିଲାପାଳ ଦିଲୀପ ରାଉତରାଏ ଓ ଅନ୍ୟମାନେ ଟିକାକରଣ ସଚେତନତା ପୋଷ୍ଟର ଦେଖାଉଛନ୍ତି।

### ଜାତୀୟ ଏଚ୍‌ପିଭି ଟିକାକରଣ ଶୁଭାରମ୍ଭ

**ଭଦ୍ରକ, ୧।୩(ସନାତନ ରାଉତ)**

ଜରାୟୁ ଗ୍ରୀବା କର୍କଟରୁ କିଶୋରୀମାନଙ୍କୁ ସୁରକ୍ଷା ପ୍ରଦାନ ଉଦ୍ଦେଶ୍ୟରେ ଜାତୀୟ ଏଚ୍‌ପିଭି ଟିକାକରଣ କାର୍ଯ୍ୟକ୍ରମ ରବିବାର ଶୁଭାରମ୍ଭ କରାଯାଇଛି। ଏହି ପରିପ୍ରେକ୍ଷୀରେ ଭଦ୍ରକ ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଗେଲପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ବିଧାୟକ ସିତାଂଶୁ ଶେଖର ମହାପାତ୍ର ଓ ଜିଲାପାଳ ଦିଲୀପ ରାଉତରାଏ ସବୁଜ ପତାକା ଦେଖାଇ ଟିକାକରଣ ଅଭିଯାନର ଶୁଭାରମ୍ଭ କରିଥିଲେ। ସମସ୍ତ କିଶୋରୀ, ବାଳିକାଙ୍କୁ ଜିଲାର ସବୁ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିନା ମୂଲ୍ୟରେ ଏଚ୍‌ପିଭି ଟିକା ପ୍ରଦାନ କରାଯିବ। ଜିଲାରେ ପ୍ରାୟ୧୨ ହଜାରରୁ ଅଧିକ କିଶୋରୀ, ବାଳିକାଙ୍କୁ ଏହି ଟିକା ପ୍ରଦାନ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ଅବସରରେ ବିଧାୟକ ମହାପାତ୍ର କହିଥିଲେ, ଜରାୟୁ ଗ୍ରୀବା କର୍କଟ ରୋକିବାରେ ଏହି ଟିକା ଏକ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ। କେନ୍ଦ୍ର ସରକାରଙ୍କ ପକ୍ଷରୁ ଦେଶବ୍ୟାପୀ ଏହି ଟିକାକରଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସେ ଧନ୍ୟବାଦ ଜଣାଇଛନ୍ତି। ଜିଲାପାଳ ରାଉତରାଏ କହିଥିଲେ, ଜିଲା ପ୍ରଶାସନ ପକ୍ଷରୁ ଏହି ଅଭିଯାନକୁ ସଫଳ କରିବା ପାଇଁ ସମସ୍ତ ପ୍ରୟାସ ଜାରି ରହିବ। ସମସ୍ତ ଯୋଗ୍ୟ କିଶୋରୀଙ୍କୁ ଟିକା ଦେବା ପାଇଁ ସଚେତନତା କାର୍ଯ୍ୟକ୍ରମ ଚାଲୁ ରହିବ। ସିଡିଏମ୍‌ଓ ଡା. ପ୍ରମୋଦ କୁମାର ପ୍ରହରାଜ, ଜିଲା କାର୍ଯ୍ୟକ୍ରମ ପରିଚାଳକ, ଅନ୍ୟାନ୍ୟ ସ୍ୱାସ୍ଥ୍ୟ ଅଧିକାରୀ, କିଶୋରୀ ବାଳିକାମାନେ ଉପସ୍ଥିତ ଥିଲେ। ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଅଭିଭାବକମାନଙ୍କୁ ନିଜ କନ୍ୟାମାନଙ୍କୁ ଏହି ଟିକା ଦେବା ପାଇଁ ସଚେତନ ହେବାକୁ ଅନୁରୋଧ କରାଯାଇଛି।

## ନୃତ୍ୟ ମହୋତ୍ସବରେ ଝୁମିଲେ ଦର୍ଶକ

**ଚାନ୍ଦବାଲି, ୧।୩(କିଷାନ ପାତ୍ର)**

ଚାନ୍ଦବାଲି ବିଜୁ ସ୍ମୃତି ଭବନ ପରିସରରେ ଦୁଇଦିନ ଧରି ଚାଲିଥିବା ମୀରାମ୍ବିକା ନୃତ୍ୟ ମହୋତ୍ସବ ଓ ଚିତ୍ରକଳା ପ୍ରଦର୍ଶନୀ-୨୦୨୬ ଶନିବାର ଉଦ୍‌ଯାପିତ ହୋଇଯାଇଛି। ମୀରାମ୍ବିକା ଫାଇନ ଆର୍ଟ୍ସ ଓ ସଙ୍ଗୀତ ମହାବିଦ୍ୟାଳୟ ଆନୁକୂଲ୍ୟରେ ଆୟୋଜିତ ରାଜ୍ୟସ୍ତରୀୟ ମହୋତ୍ସବର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଅଧ୍ୟକ୍ଷା ସାଗରିକା ମଲ୍ଲିକ ପୌରୋହିତ୍ୟ କରିଥିଲେ। ମୁଖ୍ୟ ଅତିଥି ଭାବେ ଚାନ୍ଦବାଲି ବିଧାୟକ ଡ. ବ୍ୟୋମକେଶ ରାୟ, ମୁଖ୍ୟବକ୍ତା ଡେପୁଟୀ କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ, ଅନ୍ୟତମ ଅତିଥି ଭାବେ ପୂର୍ବତନ ଜିଲା ପରିଷଦ ସଭାପତି ଦ୍ୱିଜବର ରାଉତ, ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ସମ୍ପାଦକ ଆଇନଜୀବୀ ପବନ କୁମାର ଶର୍ମା, ଚାନ୍ଦବାଲି ଓକିଲ ସଂଘର ସଭାପତି ଉପେନ୍ଦ୍ର କୁମାର ରାଉଳ, ନୃତ୍ୟଗୁରୁ ମନୋଜ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇ ମୀରାମ୍ବିକା ନୃତ୍ୟ ମହୋତ୍ସବର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଶିକ୍ଷାବିତ୍ ଅମୂଲ୍ୟ କୁମାର ରାଉତ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବା ବେଳେ ସାହିତ୍ୟିକ ପ୍ରଫୁଲ୍ଲ କୁମାର ଦାସ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। କାର୍ଯ୍ୟକ୍ରମରେ ପରିବେଷିତ ଓଡ଼ିଶୀ ନୃତ୍ୟ, ସମ୍ବଲପୁରୀ ଓ ବିଭିନ୍ନ ଲୋକନୃତ୍ୟରେ ଦର୍ଶକ ଝୁମିଥିଲେ। ଏହି ଅବସରରେ ନୃତ୍ୟଗୁରୁ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭିନ୍ନ ନୃତ୍ୟ କଳାକାରମାନଙ୍କୁ ପୁରସ୍କୃତ କରାଯାଇଥିଲା। ମୀରାମ୍ବିକାର ସଭାପତି ସରୋଜ କୁମାର ମଲ୍ଲିକଙ୍କ ନେତୃତ୍ୱରେ ସାମାଜିକ କର୍ମୀ ପ୍ରଶାନ୍ତ ମିଶ୍ର, ବିଶ୍ୱନାଥ ଦାସ, ପ୍ରଦୀପ ଦାସ, ଅନୁପ ଜେନା, ଅମିୟ ସାହୁ, ଅମର ସେଠୀ, କିଶୋର ଦାସ ପ୍ରମୁଖ ସହଯୋଗ କରିଥିଲେ।

## ପୋଲ ନିର୍ମାଣ ସ୍ଥାନ ପରିବର୍ତ୍ତନକୁ ବିରୋଧ

**ଧାମନଗର, ୧।୩(ଦୀନକୃଷ୍ଣ ମହାପାତ୍ର)**

ଧାମନଗର ବ୍ଲକ ଭଟସାହି ପଞ୍ଚାୟତ ଅଧୀନ ନରହରିପୁର ନିକଟରେ କଣ୍ଡିଆ ନଦୀ ଉପରେ ପ୍ରସ୍ତାବିତ ପୋଲ ନିର୍ମାଣ ପାଇଁ ସ୍ଥାନ ନିରୂପଣ ସହ ଟେଣ୍ଡର ସରିଛି। ହେଲେ ରାଜନୈତିକ ଚାପରେ ସ୍ଥାନ ପରିବର୍ତ୍ତନକୁ ନେଇ ଅଞ୍ଚଳରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏନେଇ ନରହରିପୁର ଓଝାସାହି ଗ୍ରାମବାସୀ ରବିବାର ଏକ ଖବରଦାତା ସମ୍ମିଳନୀରେ ପୂର୍ବ ନିର୍ଦ୍ଧାରିତ ପୋଲ ନିର୍ମାଣ ସ୍ଥାନ ପରିବର୍ତ୍ତନକୁ ବିରୋଧ କରିବା ସହ ଆନ୍ଦୋଳନ ଚେତାବନୀ ଦେଇଛନ୍ତି।

ଗ୍ରାମବାସୀ ଦର୍ଶାଇଛନ୍ତି, ଓଝାସାହି ନିକଟରେ ଗେଙ୍ଗୁଟିରେ ଶାଖା କଣ୍ଡିଆ ନଦୀ ଉପରେ ପୋଲ ନିର୍ମାଣ ପାଇଁ ପ୍ରଶାସନ ପକ୍ଷରୁ ପୂର୍ବରୁ ଯୋଜନା ରହିଥିଲା। କିନ୍ତୁ କିଛି ସ୍ୱାର୍ଥାନ୍ୱେଷୀ ବ୍ୟକ୍ତିଙ୍କ ପ୍ରଭାବରେ ସେତୁର ସ୍ଥାନକୁ ପରିବର୍ତ୍ତନ କରି ନିକଟସ୍ଥ ନିଆଳିସାହିକୁ ସ୍ଥାନାନ୍ତର କରାଯାଇଛି। ନିଆଳିସାହି ନିକଟରେ ପୋଲ ଅଛି, ନୂତନ ପୋଲ ନିର୍ମାଣ ହେଲେ ଲୋକଙ୍କୁ ସୁବିଧା ମିଳିବ ନାହିଁ। ନିର୍ଦ୍ଧାରିତ ଓଝାସାହିଠାରେ ପୋଲ ନିର୍ମାଣ ହେଲେ ୩ରୁ ୪ ପଞ୍ଚାୟତର ବହୁ ଲୋକ ସୁବିଧା ପାଇବେ। ଅପପାର୍ଶ୍ୱ ବିଲକୁ ଯିବା ପାଇଁ ଚାଷୀମାନେ ଯାତାୟାତ ସୁବିଧା ପାଇପାରିବେ। ଏଣୁ ଓଝାସାହିଠାରେ ସେତୁ ନିର୍ମାଣ କରାଯିବା ପାଇଁ ସେମାନେ ଦାବି କରିଛନ୍ତି। ଏହାର ସମାଧାନ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଏହି ପ୍ରସଙ୍ଗରେ ସ୍ଥାନୀୟ ବିଧାୟକ ତଥା ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଗୁରୁତ୍ୱର ସହ ନେଇ ଉଭୟ ପକ୍ଷଙ୍କ ମଧ୍ୟରେ ଆଲୋଚନା କରାଇ ସ୍ଥାୟୀ ସମାଧାନ କରିବାକୁ ଗ୍ରାମବାସୀ ଦାବି ଜଣାଇଛନ୍ତି। ସୂଚନାଥାଉ କି, ନିକଟରେ ଏହି ପୋଲ ନିର୍ମାଣ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟି ୮ଜଣ ଗୁରୁତର ହୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ସୁଦୀପ୍ତ ସାମଲ, ଚନ୍ଦ୍ରଶେଖର ଓଝା, ହିମାଂଶୁ ସୂତାର, ବଳରାମ ସୂତାର, ଗଙ୍ଗାଧର ସୂତାର, ଜୟରାମ ଓଝା, ଜଗବନ୍ଧୁ ଦଳାଇ, ବାଦଲ ନାୟକ, ପ୍ରଭାକର ସୂତାର, ପାର୍ବତୀ ସୂତାର, ନିରୁପମା ଦଳାଇ, ସ୍ମୃତିରେଖା ସୂତାର, କବିତା ଓଝା ପ୍ରମୁଖ ଗ୍ରାମବାସୀ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।




ଖବରଦାତା ସମ୍ମିଳନୀରେ ନରହରିପୁର ଓଝାସାହି ଗ୍ରାମବାସୀ।

## ସରକାରୀ ଜାଗାରୁ ଗଛ କଟାକୁ ନେଇ ଅସନ୍ତୋଷ

**ଧାମନଗର, ୧।୩ (ସନ୍ତୋଷ କୁମାର ମହାପାତ୍ର)**

ଧାମନଗର ବ୍ଲକ ଚୁଡ଼ାକୁଟି ସେବା ସମବାୟ ସମିତି ନିକଟରେ ଥିବା ସରକାରୀ ଜାଗାରୁ ଏକ ଗଛକୁ ରବିବାର ମଧ୍ୟାହ୍ନରେ କାଟି ଦିଆଯାଇଥିବା ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଗଛ କଟାଯିବାକୁ ନେଇ ସ୍ଥାନୀୟ ଲୋକେ ସମିତି ଫାଟକ ସାମ୍ନାରେ ଦୀର୍ଘ ସମୟ ପର୍ଯ୍ୟନ୍ତ ହୋହଲ୍ଲା କରିଛନ୍ତି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଏହି ସମିତି ପକ୍ଷରୁ ରବିବାର ଥିବା ସତ୍ତ୍ୱେ ଜିଲା ପ୍ରଶାସନ ପୂର୍ବ ନିର୍ଦ୍ଦେଶ ମୁତାବକ ଅଳ୍ପ କେତେଜଣ ଚାଷୀଙ୍କଠାରୁ ଧାନ କ୍ରୟ ଚାଲିଥିଲା। ମଧ୍ୟାହ୍ନରେ ସମିତିକୁ ଲାଗିଥିବା ସରକାରୀ ଜମିରେ ଏକ ବଡ଼ ଗଛକୁ କାଟି ଦିଆଯାଇଥିବା ସେମାନେ ଦେଖିବାକୁ ପାଇଥିଲେ। ପରେ ସରେଇ ଚୁଡ଼ାକୁଟି ସରପଞ୍ଚ କସ୍ତୁରୀ ବିଶ୍ୱାଳଙ୍କ ସମେତ ସ୍ଥାନୀୟ ବାସିନ୍ଦା ଏକାଠି ହୋଇ ସମିତିକୁ ଯିବା ବେଳେ ଫାଟକ ଭିତର ପଟୁ ତାଲା ଦିଆଯାଇଥିବା ଦେଖିବାକୁ ପାଇଥିଲେ। ଏ ସମ୍ପର୍କରେ ଧାମନଗର ବନାଞ୍ଚଳ ଓ ବନ୍ୟପ୍ରାଣୀ ଅଧିକାରୀ ବବୁଲ ମଲ୍ଲିକ କହିଛନ୍ତି, ସରକାରୀ ଜମିର ମାଲିକ ହେଲେ ରାଜସ୍ୱ ବିଭାଗ। ଯଦି କଟା ଯାଇଥିବା ଗଛର କାଠ ବିନା ଅନୁମତିରେ ରାସ୍ତାରେ ଚାଲାଣ ହେଉଥାଏ, ତାହେଲେ ଆମେ ସେ ଗଛକୁ ଜବତ କରି କାର୍ଯ୍ୟାନୁଷ୍ଠାନ ନେଇପାରିବୁ ବୋଲି ରେଞ୍ଜର କହିଛନ୍ତି। ଖବରପାଇ ଧାମନଗର ଥାନା ଏଏସ୍‌ଆଇ ସୁଜିତ କୁମାର ରାଉତ ଘଟଣାସ୍ଥଳରେ ପହଞ୍ଚି ଉପସ୍ଥିତ ଥିବା ସରପଞ୍ଚଙ୍କ ସମେତ ଲୋକଙ୍କୁ ବୁଝାଶୁଝା କରିବା ସହ ସୋମବାର ଥାନା ଯାଇ ଘଟଣା ସମ୍ପର୍କରେ ଆଲୋଚନା କରିବାକୁ କହିଥିଲେ। ଅନ୍ୟପଟେ ସରପଞ୍ଚ ବିଶ୍ୱାଳ କହିଛନ୍ତି, ସରପଞ୍ଚ ହିସାବରେ ସରକାରୀ ଜମିରୁ ଗଛ କଟା ନେଇ ଗାଁ ଲୋକେ ତାଙ୍କୁ ଜଣାଇଥିଲେ। ସେ ଆସି ସମିତି ଭିତର ପଟୁ ତାଲା ଦିଆଯାଇଥିବା ଦେଖିବାକୁ ପାଇଥିଲେ। ଥାନାଧିକାରୀଙ୍କୁ ଲିଖିତ ଭାବେ ଜଣାଇଛନ୍ତି, ସୋମବାର ଧାମନଗର ଥାନାରେ ଆଲୋଚନା କରିବାକୁ ସେ କହିଛନ୍ତି। ତେବେ ଏନେଇ ସମିତି ସମ୍ପାଦକଙ୍କ ସହ ଯୋଗାଯୋଗ ହୋଇପାରି ନାହିଁ।

## ଘର, ବାଉଁଶବାଡ଼ିରେ ନିଆଁ ଲଗାଇଲେ ଦୁର୍ବୃତ୍ତ

**ଭଣ୍ଡାରିପୋଖରୀ, ୧।୩(ରାଜେନ୍ଦ୍ର ଶତପଥୀ)**

ଭଣ୍ଡାରିପୋଖରୀ ଥାନା ଅଧୀନ ଷୋଳମପୁର ପଞ୍ଚାୟତ ମଣିନାଥପୁର ଗ୍ରାମରେ ରବିବାର ମଧ୍ୟାହ୍ନରେ ଦୁର୍ବୃତ୍ତମାନେ ଏକ ଆଦିବାସୀ ପରିବାରର ବାସଗୃହ ସହ ଅନ୍ୟ ୨ ବ୍ୟକ୍ତିଙ୍କ ବାଉଁଶବାଡ଼ିରେ ନିଆଁ ଲଗାଇ ଦେଇଛନ୍ତି। ସୂଚନା ଅନୁଯାୟୀ, ବୈତରଣୀ ନଦୀବନ୍ଧ ପାର୍ଶ୍ୱରେ ରହୁଥିବା ଏକ ଆଦିବାସୀ ପରିବାର ମଧ୍ୟାହ୍ନରେ ଶୋଇଥିବା ବେଳେ ଦୁର୍ବୃତ୍ତମାନେ ତାଙ୍କ ଚାଳ ଛପର ଘରେ ନିଆଁ ଲଗାଇ ଦେଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ପରିବାର ଲୋକେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସେହିପରି ନଦୀବନ୍ଧ ପାର୍ଶ୍ୱରେ ଥିବା ପରମାନନ୍ଦ ସାହୁ ଓ କାହ୍ନୁଚରଣ ଥାଟୋଇଙ୍କ ବାଉଁଶ ବାଡ଼ିରେ ଦୁର୍ବୃତ୍ତମାନେ ନିଆଁ ଲଗାଇ ଦେଇଛନ୍ତି। ବାଉଁଶବାଡ଼ି ପାର୍ଶ୍ୱରେ ଜନବସତି ଥିବାରୁ ଆତଙ୍କ ଖେଳିଯାଇଥିଲା। ଯାଜପୁରରୁ ୩ଟି ଦମକଳ ଗାଡ଼ି ଆସି ବହୁ ଉଦ୍ୟମ କରି ନିଆଁକୁ ଆୟତ୍ତ କରିଥିଲା। ଯାଜପୁର ସହର ସହ ସଂଯୋଗ ହୋଇଥିବାରୁ ଏହି ଅଞ୍ଚଳରେ ବ୍ରାଉନସୁଗାର ବେପାରୀ ଓ ସେବନକାରୀଙ୍କ ପ୍ରାଦୁର୍ଭାବ କ୍ରମାଗତ ଭାବେ ବୃଦ୍ଧି ପାଇଛି। ସେହିପରି ଏହି ଅଞ୍ଚଳ ବାଲିଚୋର, ମାଟିଚୋର, ମୂର୍ତ୍ତିଚୋର, ସିନ୍ଧିଚୋରଙ୍କ ଆଡ୍ଡାସ୍ଥଳ ପାଲଟିଛି।

## ସମବାୟ ସମିତି କାଗଜପତ୍ର ପୋଡ଼ିଦେଲେ

### ପ୍ରମାଣ ନଷ୍ଟ କରିବାକୁ ଉଦ୍ୟମ ନେଇ ଚର୍ଚ୍ଚା

**ଧୁଷୁରୀ, ୧।୩(ଦୀପ୍ତିରଞ୍ଜନ ନାୟକ)**

ଧୁଷୁରୀ ଥାନା ଅଧୀନ ପାଳସାହି ପଞ୍ଚାୟତର ବେତାଳିଗାଁ ବଜାର ପଛପଟେ ଶନିବାର ଅପରାହ୍ଣରେ ଜଣେ ଯୁବକ ପାଳସାହି ସମବାୟ ସମିତିର ଅଫିସ୍ କାଗଜପତ୍ର ପୋଡୁଥିବା ଦେଖିବାକୁ ମିଳିଛି। ତାହା ଅଦରକାରୀ କାଗଜପତ୍ର ହୋଇଥିବା ଯୁବକ ଜଣକ କହିଥିବା ବେଳେ ତଥ୍ୟ ଲୁଚାଇବା ପାଇଁ ପ୍ରମାଣ ନଷ୍ଟ କରିବାକୁ ଉଦ୍ୟମ ନେଇ ଚର୍ଚ୍ଚା ହେଉଛି। ଧୁଷୁରୀ ପୋଲିସ ରବିବାର ସନ୍ଧ୍ୟାରେ ଉକ୍ତ ଯୁବକଙ୍କୁ ଥାନାକୁ ଡାକି ପଚରାଉଚରା କରିଛି।

ସୂଚନା ଅନୁଯାୟୀ, ଯୁବକ ଜଣକ କାଗଜପତ୍ର ପୋଡୁଥିବା ଦେଖି ସେହି ଅଞ୍ଚଳର କେତେଜଣ ଯୁବକ ତାଙ୍କୁ ପଚାରିବାରୁ ସମିତିର ଅଦରକାରୀ କାଗଜପତ୍ର, ତାହାକୁ ପୋଡ଼ିବା ପାଇଁ ସରକାରୀ ନୀତିନିୟମ ଥିବା ଦର୍ଶାଇଥିଲେ। ଯୁବକ ଜଣକ ସମିତି ସମ୍ପାଦକଙ୍କ ସମ୍ପର୍କୀୟ ଓ ତାଙ୍କର କେହି କିଛି କରିପାରିବେ ନାହିଁ ବୋଲି ଫଟୋ ଉଠାଉଥିବା ଅନ୍ୟ ଯୁବକମାନଙ୍କୁ କହିଥିଲେ। ଏଥିସହ ନିର୍ଦ୍ଦିଷ୍ଟ କେତେଜଣ ବ୍ୟକ୍ତିଙ୍କୁ ଧମକ ଦେଉଥିବା ନେଇ ପୋଷ୍ଟ ସୋଶିଆଲ ମିଡିଆରେ ଭାଇରାଲ ହୋଇଛି। ୨ବର୍ଷ ତଳେ ଏହି ସମିତିରେ କାର୍ଯ୍ୟରତ ସମ୍ପାଦକଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ପରେ ଦାୟିତ୍ୱ ନେଇଥିବା ସମ୍ପାଦକ ଅଡିଟ ଭୟରେ କିମ୍ବା ଚାଷୀଙ୍କୁ ଦେଇଥିବା ଋଣ ତଥ୍ୟାବଳୀ ଲୁଚାଇବା ପାଇଁ ସେହି ସଂକ୍ରାନ୍ତୀୟ ନଥିପତ୍ର ପୋଡ଼ି ପ୍ରମାଣ ନଷ୍ଟ କରିଦେବାକୁ ଯୁବକ ଜଣକ ଉଦ୍ୟମ କରୁଥିଲେ ବୋଲି ଚର୍ଚ୍ଚା ହେଉଛି। ଏ ସମ୍ପର୍କରେ ସମିତି ସଭାପତି ଭାଗବତ ଖଟୁଆଙ୍କୁ ପଚାରିବାରୁ ଅଫିସ୍ ସଫା ବେଳେ କିଛି ଅଦରକାରୀ କାଗଜପତ୍ର ସମସ୍ତଙ୍କ ଜ୍ଞାତସାରରେ ପୋଡ଼ା ଯାଇଥିବା କହିଛନ୍ତି।



ପାଳସାହି ପଞ୍ଚାୟତର ବେତାଳିଗାଁ ବଜାର ପଛପଟେ ପୋଡ଼ାଯାଇଥିବା କାଗଜପତ୍ର।

## ଜରାଜୀର୍ଣ୍ଣ ଅବସ୍ଥାରେ ଅନନ୍ତ ଦେବଗୁରୁ କୁଳାଶ୍ରମ

- ମନ୍ଦିରରୁ ଖସୁଛି ପ୍ଲାଷ୍ଟର
- ପଦାରେ ପୂଜା ପାଉଛନ୍ତି ଲକ୍ଷ୍ମୀନାରାୟଣ

**ନଳାଙ୍ଗ, ୧।୩(ସାଇ ଶଙ୍କର ମହାକୁଳ)**

ଭଦ୍ରକ ବ୍ଲକ ଅଧୀନ ରାମନବମୀ ବେତରା ପଞ୍ଚାୟତରେ ଥିବା ଶ୍ରୀ ଅନନ୍ତ ଦେବଗୁରୁ କୁଳାଶ୍ରମ ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ଆଶ୍ରମରେ ଥିବା ମନ୍ଦିରରୁ ପ୍ଲାଷ୍ଟର ଖସୁଥିବାରୁ ଲକ୍ଷ୍ମୀନାରାୟଣ ପଦାରେ ପୂଜା ପାଉଛନ୍ତି। ପ୍ରତିଷ୍ଠାତା ମୂରଲୀ ବାବାଙ୍କ ଦେହାନ୍ତ ପରେ ରକ୍ଷଣାବେକ୍ଷଣ ଅଭାବରୁ ଏପରି ଅବସ୍ଥା ସୃଷ୍ଟି ହୋଇଛି।

୧୯୮୮ରେ ସ୍ୱର୍ଗତ ବାବାଜୀ ମୂରଲୀ ଧରଙ୍କ ଦ୍ୱାରା ଏହି ଆଶ୍ରମ ନିର୍ମିତ ହୋଇଥିଲା। କୁଳାଶ୍ରମ ଭିତରେ ବଗିଚା ସହ ୨୦୦୨ରେ ବାବାଙ୍କ ତତ୍ତ୍ୱାବଧାନରେ ଗ୍ରାମବାସୀଙ୍କ ସହଯୋଗରେ ଲକ୍ଷ୍ମୀନାରାୟଣ ମନ୍ଦିର ପ୍ରତିଷ୍ଠା କରାଯାଇଥିଲା। ଗ୍ରାମବାସୀଙ୍କ କହିବା ଅନୁଯାୟୀ, ବାବା ବୃତ୍ତିରେ ଜଣେ ଶିକ୍ଷକ ଥିଲେ। ସେ ବାସ୍ତୁଶାସ୍ତ୍ର ଓ ଆଧ୍ୟାତ୍ମିକ ଜ୍ଞାନରେ ଧୂରନ୍ଧର ଥିଲେ। ଏପରିକି ପଦ୍ମାସନ ଯୋଗ ବଳରେ ସେ ନଦୀର ଗଭୀର ପାଣିରେ ଭାସିପାରୁଥିଲେ। ବାବା ଥିବାବେଳେ ପ୍ରତିଦିନ ଆଶ୍ରମରେ ଲୋକଙ୍କର ଗହଳି ଲାଗିରହୁଥିଲା। ବିଭିନ୍ନ ପ୍ରକାର ସମସ୍ୟାର ସମାଧାନ ପାଇଁ ବାବାଙ୍କ ନିକଟରେ ଲୋକଙ୍କ ଭିଡ଼ ଜମୁଥିଲା। ପୂଜା ପର୍ବରେ ଉଭୟ ମଠ ଓ ମନ୍ଦିର ଚଳଚଞ୍ଚଳ ରହୁଥିଲା। କିନ୍ତୁ ବାବାଙ୍କ ଦେହାନ୍ତ ପରେ ପ୍ରାୟ ୧୦ ହେଲା ରକ୍ଷଣାବେକ୍ଷଣ ଅଭାବରୁ ମନ୍ଦିର ଧୀରେ ଧୀରେ ଭାଙ୍ଗିଯିବା ସହ ପ୍ଲାଷ୍ଟର ଖସୁଛି। ମଠ ପରିସରରେ ଥିବା ଫୁଲ, ଫଳ ବଗିଚା ନଷ୍ଟ ହେବାକୁ ବସିଛି। ଗ୍ରାମବାସୀ ମିଶି କିଛି ଅର୍ଥ ଆଦାୟ କରି ମଠ ଓ ମନ୍ଦିରର ରକ୍ଷଣାବେକ୍ଷଣରେ ଲଗାଉଛନ୍ତି, କିନ୍ତୁ ତାହା ପର୍ଯ୍ୟାପ୍ତ ନୁହେଁ। ଏଣୁ ସରକାରୀ ଅନୁଦାନ ମିଳିଲେ ଉକ୍ତ ମଠର ପୁନରୁଦ୍ଧାର ହୋଇପାରନ୍ତା ବୋଲି ଗ୍ରାମବାସୀ ବିଦ୍ୟାଧର ନାୟକ, ନାରାୟଣ ନାୟକ, ଦାମୋଦର ଦାସ, ସନ୍ତୋଷ କୁମାର କର, ଗଙ୍ଗାଧର ନାୟକ, ମଇନ ନାୟକ, ସୁଧାକର ନନ୍ଦ, ବିଜୟ ପଣ୍ଡା, ବଳରାମ ବେହେରା, ଶ୍ରୀକାନ୍ତ ପଣ୍ଡା, ବାଇନ ବେହେରା ପ୍ରମୁଖ ଆଶାବ୍ୟକ୍ତ କରିଛନ୍ତି।



ଆଶ୍ରମ ପରିସରରେ ଥିବା ଲକ୍ଷ୍ମୀନାରାୟଣ ମନ୍ଦିର।

# ସ୍ଲରି ପାଇପ୍ କାମ ଯୋଗୁ ନଦୀଜଳ ପ୍ରଦୂଷିତ

## ସୁନା ନଦୀଜଳ ପ୍ରବାହ ଅବରୋଧ

ଯୋଡ଼ା,୧।୩(ମାନସ ମହାନ୍ତି)

ପ୍ରାକୃତିକ ସମ୍ପଦ ସବୁବେଳେ ଜନ ଜୀବନକୁ ସୁରକ୍ଷା ଦେଇଆସିଛି। ମାତ୍ର ଏହାର ସୁରକ୍ଷା ପାଇଁ ରହିଥିବା ସରକାରୀ ଆଇନକୁ କେତେକ ଖଣି ଓ ଶିଳ୍ପ ସଂସ୍ଥା ମାନୁ ନାହାନ୍ତି। ଯୋଡ଼ା ସହରର ଜୀବନ ରେଖା କୁହାଯାଉଥିବା ସୁନା ନଦୀ ଉପରେ କିଛି ବର୍ଷ ହେବ ଦାଉ ସାଜିଛନ୍ତି ଖଣି ଓ ଶିଳ୍ପ ସଂସ୍ଥା। ଏହି ନଦୀର ଯୋଡ଼ା ମୁଖ୍ୟ ବଜାର ଓ ଜନ ବସତି ନିକଟରେ ଏକ ବୃହତ୍ ଖଣି ଓ ଶିଳ୍ପ କମ୍ପାନୀ ସ୍ଲରି ପାଇପ୍ ଲାଇନ ବିଛାଇବା ପାଇଁ ନଦୀ ଶଯ୍ୟାକୁ ଖୋଳିଦେଇଛି। କମ୍ପାନୀ ମେଶିନ ସାହାଯ୍ୟରେ ବଡ଼ ବଡ଼ ଖାଲ ସୃଷ୍ଟି କରି ନଦୀ ଶଯ୍ୟାକୁ ସମ୍ପୂର୍ଣ୍ଣ ନଷ୍ଟ କରିବା ସହିତ ଏ ନେଇ ରହିଥିବା ସରକାରୀ ଗାଇଡ୍ ଲାଇନ ପାଳନ କରୁ ନ ଥିବା ଅଭିଯୋଗ ହୋଇଛି। ତେବେ ଅତୀତରେ ମଧ୍ୟ ଏହି ସ୍ଲରି ପାଇପ ଲାଇନ ସୁନା ନଦୀ ଶଯ୍ୟା ଭିତରେ ନେବା ପାଇଁ କମ୍ପାନୀ କାର୍ଯ୍ୟ ଆରମ୍ଭ କରିଥିବା ବେଳେ ବିଭିନ୍ନ ସଂଗଠନ ପକ୍ଷରୁ ବିରୋଧ କରାଯିବା ଫଳରେ କାର୍ଯ୍ୟ ବନ୍ଦ ରହିଥିଲା। କମ୍ପାନୀ ପୁଣି ନଦୀ ଜଳକୁ ସମ୍ପୂର୍ଣ୍ଣ ଭାବେ ପ୍ରଦୂଷିତ କରିବା ସହିତ ନଦୀ ଶଯ୍ୟାର ମୃତ୍ତିକା କ୍ଷୟ କରିବାରେ ଲାଗିଛି।

ସରକାରୀ ଗାଇଡ୍‌ଲାଇନ ଅନୁଯାୟୀ,ନଦୀ କିମ୍ବା ନାଳ ଦେଇ ପାଇପ୍ ଲାଇନ ବିଛାଇବା କାର୍ଯ୍ୟ ବେଳେ କମ୍ପାନୀ ଏକ ଗଭୀର ଗାତ ଖୋଳି ଉକ୍ତ ଗାତ ଦେଇ ପାଇପ ଲାଇନ ବିଚାଇବା କଥା। ଏହି ପାଇପ ଲାଇନ ପାଇଁ ନଦୀ ଜଳସ୍ତରରୁ ପ୍ରାୟ ୪ ମିଟର ଗଭୀର ଗାତ କରି ନେବାକୁ ପଡ଼ିଥାଏ। ଏହାଦ୍ୱାରା ନଦୀ ଜଳସ୍ତର ଉପରେ କୌଣସି ପ୍ରଭାବ ପଡ଼ି ନ ଥାଏ। ଆଗାମୀ ଦିନରେ କୌଣସି କାରଣ ବଶତଃ ସ୍ଲରି ପାଇପ ଫାଟିଲେ ନିକଟରେ ଥିବା ଜନ ସାଧାରଣଙ୍କ କୌଣସି କ୍ଷୟକ୍ଷତି ହୋଇ ନ ଥାଏ। ମାତ୍ର ଏହି କ୍ଷେତ୍ରରେ ସମ୍ପୂର୍ଣ୍ଣ ବ୍ୟତିକ୍ରମ ଦେଖାଦେଇଛି। ସମ୍ପୃକ୍ତ କମ୍ପାନୀ ଗାଇଡ୍ ଲାଇନ ମାନୁ ନ ଥିବା ପୌର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ମନୋଜ ବେହେରା କହିଛନ୍ତି। କମ୍ପାନୀ ସୁନା ନଦୀ ଗର୍ଭରେ ମେଶିନ ଲଗାଇ କାର୍ଯ୍ୟ କରି ତଳ ମୁଣ୍ଡର ଜଳକୁ ପ୍ରଦୂଷଣ କରୁଛି। ଫଳରେ ସୁନା ନଦୀରେ ଜଳ ପ୍ରବାହ ହ୍ରାସ ପାଇଛି। କେବଳ ଅନୁମତି ନେଇ ଓ ସରକାରୀ ଗାଇଡ୍ ଲାଇନ ନ ମାନି ଏହି କାର୍ଯ୍ୟ କରୁଥିବାରୁ ଯୋଡ଼ା ଅଞ୍ଚଳରେ ଅସନ୍ତୋଷ ବଢ଼ିବାରେ ଲାଗିଛି ।

ଏ ସମ୍ପର୍କରେ ଯୋଡା ପୌରପାଳିକା କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ୱେତପଦ୍ମା ଧଳଙ୍କୁ ପଚାରିବାରୁ ସମ୍ପୃକ୍ତ କମ୍ପାନୀର କାର୍ଯ୍ୟକୁ ସେ ପ୍ରଥମେ ବନ୍ଦ କରିବେ ଓ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଡକାଇ ଏ ନେଇ ତାଗିଦ କରିବେ ବୋଲି କହିଛନ୍ତି। ଏ ସମ୍ପର୍କରେ ମହାନଦୀ ବଞ୍ଚାଅ ଆନ୍ଦୋଳନର ଆବାହକ ସୁଦର୍ଶନ ଦାଶ କୁହନ୍ତି, ସୁନା ନଦୀ ହେଉଛି ଯୋଡ଼ା, ବଡ଼ବିଲ ଅଞ୍ଚଳର ଜୀବନ ରେଖା। ଏହା ଲକ୍ଷ ଲକ୍ଷ ଲୋକଙ୍କ ପିଇବା ପାଣିର ଉତ୍ସ। ଏଥିପାଇଁ ଇକୋ ସିଷ୍ଟମ ବା ଜୈବ ବିବିଧତା ଗଢି ଉଠିଛି। ଜଙ୍ଗଲ, ପଶୁ, ପକ୍ଷୀ ଏହି ସୁନା ନଦୀ ଉପରେ ନିର୍ଭରଶୀଳ। ଏହାକୁ ଏଭଳି ଭାବେ ଖିନଭିନ କରି ନଷ୍ଟ କରିବା ଅତ୍ୟନ୍ତ ଅନ୍ୟାୟ। ଏହା ପରିବେଶ ଓ ଦେଶ ବିରୋଧୀ କାର୍ଯ୍ୟ ଅଟେ। ଉକ୍ତ ସ୍ଥାନକୁ ଅତି ଶୀଘ୍ର ପରିଦର୍ଶନରେ ଯାଇ ପରବର୍ତ୍ତୀ କାର୍ଯ୍ୟ ପନ୍ଥା ସ୍ଥିର କରିବେ ବୋଲି ଦାଶ କହିଛନ୍ତି। ତେଣେ ତଳ ମୁଣ୍ଡରେ ନିର୍ମାଣାଧୀନ ଓଡ଼ିଶାର ଦ୍ୱିତୀୟ ବୃହତମ ନଦୀ ବନ୍ଧ ଯୋଜନା କାନପୁର ଏହା ଦ୍ୱାରା ପ୍ରଭାବିତ ହେବ ବୋଲି ସେ ଆଶଙ୍କା ପ୍ରକାଶ କରୁଥିବା ସେ କହିଛନ୍ତି।



ନଦୀ ଶଯ୍ୟାରେ ସ୍ଲରି ପାଇପ୍ ବିଛାଇବା କାମ ଚାଲିଛି।

# ୨ ଚୋରି ବଳଦ ଉଦ୍ଧାର

ଢେଙ୍କିକୋଟ,୧।୩(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଢେଙ୍କିକୋଟ ପୋଲିସ ବିଟ୍‌ହାଉସ ଅନ୍ତର୍ଗତ ମନୋହରପୁର ପଞ୍ଚାୟତ ଗଣ୍ଡଶିଳା ଗ୍ରାମର ଭାଗିରଥୀ ନାୟକଙ୍କ ଗୁହାଳରୁ ଗତ ୨୬ ତାରିଖ ରାତି ୧ଟା ବେଳେ ୨ଟି ବଳଦକୁ କେହି ଚୋରି କରି ନେଇଥିଲେ। ରାତି ୨ଟା ବେଳେ ଭାଗିରଥୀ ଉଠି ଗୁହାଳ ଘରେ ବଳଦ ନ ଥିବା ଦେଖି ପୋଲିସକୁ ଜଣାଇଥିଲେ। ଶୁକ୍ରବାର ସକାଳେ ପୋଲିସ ବିଟ୍ ହାଉସରେ ଲିଖିତ ଅଭିଯୋଗ କରିଥିଲେ। ଶନିବାର ମୟୂରଭଞ୍ଜ ଜିଲା ରରୁଆଁ ଥାନା ଅନ୍ତର୍ଗତ ଅଙ୍ଗାରପଦା ଗ୍ରାମରେ ଏକ ଗୋରୁ ହାଟ ଲାଗିଥିବା ଜାଣି ଭାଗିରଥୀ ଭୋରରୁ ବାଇକ୍ ଯୋଗେ ସେଠାକୁ ଯାଇଥିଲେ। ହାଟରେ ବୁଲି ସେ ନିଜ ବଳଦକୁ ଚିହ୍ନି ପାରିଥିଲେ। ସେଠାକୁ ବିକ୍ରି କରିବା ପାଇଁ ନେଇଥିବା ଗୋରୁ ବ୍ୟବସାୟୀ ଘଟଗାଁ ଥାନା ଅନ୍ତର୍ଗତ ଗଦାଧରପୁର ପଞ୍ଚାୟତ ବାଟହରିଚନ୍ଦନପୁର ଗ୍ରାମର ଦେବବ୍ରତ ଗିରିଙ୍କୁ ଏହା ତାଙ୍କ ବଳଦ ବୋଲି କହିଥିଲେ। ଦେବବ୍ରତ ବଳଦ ଦୁଇଟିକୁ ସାନ୍ତରାପୁରର ଜଣେ ସଂଖ୍ୟାଲଘୁ ସଂପ୍ରଦାୟର ବ୍ୟକ୍ତିଙ୍କଠାରୁ କିଣିଥିବା କହିଥିଲେ। ପରେ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ଲାଗି ଘଟଣା ରରୁଆଁ ଥାନାରେ ପହଁଞ୍ଚିଥିଲା। ରରୁଆଁ ଥାନା ପୋଲିସ ବଳଦ ସହ ବିକ୍ରି କରିବା ପାଇଁ ଆଣିଥିବା ଦେବବ୍ରତ ଗିରିଙ୍କୁ ଅଟକ ରଖି ଘଟଗାଁ ଥାନା ଆଇଆଇସି ଶୁଭ୍ରାନ୍ତ କୁମାର ଜେନାଙ୍କ ସହ କଥା ହୋଇଥିଲେ। ଆଇଆଇସିଙ୍କ ନିର୍ଦ୍ଦେଶ କ୍ରମେ ଥାନା ଏଏସ୍‌ଆଇ ଅନୁପ କୁମାର ଲୁଗୁନ ସଦଳବଳେ ରରୁଆଁ ଥାନାରେ ପହଁଞ୍ଚି ଜବତ ବଳଦ ଓ ଅଟକ ଦେବବ୍ରତଙ୍କୁ ଘଟଗାଁ ଥାନାକୁ ଆଣି ତଦନ୍ତ କରୁଛନ୍ତି। ତେବେ ଘଟଗାଁ ଥାନା ଓ ଢେଙ୍କିକୋଟ ପୋଲିସ ବିଟ୍ ହାଉସ ଅଞ୍ଚଳରେ ଗାଈ, ବଳଦ ଓ ଛେଳି ଚୋରି ଦିନକୁ ଦିନ ବୃଦ୍ଧି ପାଉଛି। ପୋଲିସ ପାଟ୍ରୋଲିଂ କଡ଼ାକଡ଼ି କରିବା ପାଇଁ ସାଧାରଣରେ ଦାବି ହେଉଛି।

# ପ୍ରଧାନ ଶିକ୍ଷକଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା



ବଉଳା, ୧।୩(ଦୁର୍ଗା ପ୍ରସାଦ ଆୟଚ)

ହାଟଡିହୀ ବ୍ଲକ ସଢା ପଞ୍ଚାୟତର ଜନ୍ତାଳପଦି ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମହେନ୍ଦ୍ର ରାଉତଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ପ୍ରାକ୍ତନ ପ୍ରଧାନ ଶିକ୍ଷକ ହରମୋହନ ପଣ୍ଡାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ବିଦ୍ୟାଧର କର, ମୁଖ୍ୟବକ୍ତା ପ୍ରାକ୍ତନ ଏବିଇଓ ତଥା ଶିକ୍ଷାବିତ୍ ଚତୁର୍ଭୁଜ ପହି, ସମ୍ମାନନୀୟ ଅତିଥି ଶିକ୍ଷାବିତ୍ ହରିହର ପାଣିଗ୍ରାହୀ, ସିଆରସିସି କୃଷ୍ଣଚନ୍ଦ୍ର ନାହାକ, ସମିତିସଭ୍ୟ ଶ୍ରୀକାନ୍ତ ନାୟକ, ପ୍ରଧାନ ଶିକ୍ଷକ ହେମନ୍ତ ସାମଲ, ବରିଷ୍ଠ ଶିକ୍ଷାବିତ୍ ମୋହନ କୁମାର ମହାନ୍ତି, ସୁବାସ ମଲ୍ଲିକ ଓ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଦାମୋଦର ରାଉତ ପ୍ରମୁଖ ଯୋଗଦେଇଥିଲେ। କାହ୍ନୁଚରଣ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମଧୁସୂଦନ ଚକ୍ର ସଂଯୋଜନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅବସର ନେଉଥିବା ପ୍ରଧାନ ଶିକ୍ଷକ ରାଉତ ଜଣେ କର୍ତ୍ତବ୍ୟନିଷ୍ଠ, ସମୟାନୁବର୍ତ୍ତିତା, ଛାତ୍ରବତ୍ସଳ, ଗ୍ରାମବାସୀ ଓ ଅଭିଭାବକଙ୍କ ସହିତ ସୁସମ୍ପର୍କ ରଖି ଅନ୍ୟ ଶିକ୍ଷକଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି ବୋଲି ଅତିଥିମାନେ ମତବ୍ୟକ୍ତ କରିବା ସହିତ ତାଙ୍କର ଅବଶିଷ୍ଟ ଜୀବନ ସୁଖମୟ ହେଉ ବୋଲି ମା' ତାରିଣୀଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ବିଦ୍ୟାଳୟ ପକ୍ଷରୁ ଅବସର ନେଉଥିବା ଶିକ୍ଷକ ଓ ତାଙ୍କ ସ୍ତ୍ରୀ ଦ୍ରୌପଦୀ ରାଉତଙ୍କୁ ଉତ୍ତରୀୟ, ମାନପତ୍ର ଓ ଉପହାର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସମୟରେ ଶିକ୍ଷକ, ଗ୍ରାମବାସୀ, ଅଭିଭାବକ ଓ ବିଦ୍ୟାଳୟ କମିଟି ସଦସ୍ୟାସଦସ୍ୟ ଉପସ୍ଥିତ ରହିଥିଲେ।

# ସୋସୋ ଉ.ପ୍ରା. ବିଦ୍ୟାଳୟର ବାର୍ଷିକ ଉତ୍ସବ



ବଉଳା, ୧।୩(ଦୁର୍ଗାପ୍ରସାଦ ଆୟଚ)

ହାଟଡିହୀ ବ୍ଲକ ସୋସୋ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ପ୍ରାକ୍ତନ ବରିଷ୍ଠ ଶିକ୍ଷକ ତଥା ଶିକ୍ଷାବିତ୍ ରମେଶ ଚନ୍ଦ୍ର ମହାନ୍ତିଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ପ୍ରାକ୍ତନ ସ୍କୁଲ ଏସ୍‌ଆଇ ଶଙ୍ଖାଳୀ ଚରଣ ରାଉଳ, ମୁଖ୍ୟବକ୍ତା ସିଆରସିସି ବୁଦ୍ଧଦେବ ରାଉତ, ସମ୍ମାନିତ ଅତିଥି ଭାବେ କୃଷ୍ଣଚନ୍ଦ୍ର ପାଗଳ, ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଉଷାରାଣୀ ବାରିକ ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବସନ୍ତ କୁମାର ମହାନ୍ତି ଯୋଗଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସ୍ନେହଲତା ରାଉତ କାର୍ଯ୍ୟକ୍ରମର ସଂଯୋଜନା ଓ ବାର୍ଷିକ ବିବରଣୀ ପାଠ କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏହି ସମୟରେ ସୋସୋ କ୍ଲଷ୍ଟର ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ କ୍ଲଷ୍ଟର ସମସ୍ତ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ ଯୋଗ ଦେଇଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ଅଙ୍ଗୁରବାଳା ସେନାପତି, ଜୟନ୍ତୀ ରାଣୀ ପଣ୍ଡା, ପୁଷ୍ପଲତା ନାୟକ, ସୁସନ୍ଧ୍ୟା ପ୍ରିୟଦର୍ଶିନୀ ମହାନ୍ତି, ସୁଶ୍ରୀସଙ୍ଗୀତା ଜେନା, ପବିତ୍ର କୁମାର ବାରିକ, ସୁଜିତ୍ କୁମାର ମହାନ୍ତି, ଶିଶୁ ସେବିକା ସୁନୀତା ଜେନା ଓ କମିଟି ସଭ୍ୟାସଭ୍ୟ ଉପସ୍ଥିତ ରହି ସହଯୋଗ ଓ ପରିଚାଳନା କରିଥିଲେ।

# ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ: ରାଜସ୍ୱ ମନ୍ତ୍ରୀ

## ଚାଷଜମିକୁ ପାର୍ଟ ପ୍ଲଟ କରି ରିଅଲ ଇଷ୍ଟେଟ ଉଦ୍ଦେଶ୍ୟରେ ବ୍ୟବହାର

କେନ୍ଦୁଝର,୧।୩ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ମାଷ୍ଟର ପ୍ଲାନ ଅଞ୍ଚଳରେ ଚାଷଜମିରେ ସହରୀକରଣ ହେଉଛି। ଓରେରା(ଓଡ଼ିଶା ରିଅଲ ଇଷ୍ଟେଟ ରେଗୁଲେଟୋରି ଅଥରିଟି)ଠାରୁ ଅନୁମତି ନ ନେଇ ଚାଷଜମିରେ ରାସ୍ତା ନିର୍ମାଣ କରି ବେଆଇନ ଭାବେ ପାର୍ଟ ପ୍ଲଟ୍ କରି ବିକ୍ରି ଚାଲିଛି। କେତେଜଣ ଦୁର୍ନୀତିଗ୍ରସ୍ତ ଅଧିକାରୀ ଜାଣି ଚୁପ ରହୁଥିବାରୁ ଏହା ଜୋରସୋରରେ ଚାଲିଛି। ଅଦ୍ୟାବଧି ଜମି ଦଲାଲମାନେ ଚାଷଜମିରେ ରାସ୍ତା କରି ୩୦୦ ଏକରରୁ ଊର୍ଦ୍ଧ୍ୱ ଜମି ବିକ୍ରି କରିସାରିଲେଣି। ବିନା କିସମ ପରିବର୍ତ୍ତନରେ ଚାଷଜମିରେ ଘରବାଡ଼ି କରି କଂକ୍ରିଟ ଜଙ୍ଗଲ ସୃଷ୍ଟି କରି ଚାଲିଛନ୍ତି। ଜମି ଦଲାଲମାନେ ଶାଗ ମାଛ ଦରରେ ଚାଷ ଜମି କିଣି ପରେ ଏହାକୁ ଖଣ୍ଡ ଖଣ୍ଡ କରି ରାସ୍ତା ଦେଇ ବିକ୍ରି କରି କୋଟି କୋଟି ଟଙ୍କା ମୁନାଫା କରୁଛନ୍ତି। ଏଭଳି ଅଭିଯୋଗ ଆସିଲେ ଏହାର ଯାଞ୍ଚ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ରବିବାର କେନ୍ଦୁଝର ଜିଲା ଗସ୍ତରେ ଆସିଥିବା ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଗଣମାଧ୍ୟମକୁ କହିଛନ୍ତି।

ଜରୁରୀ ସମୟରେ ଜମି ବିକ୍ରି କରିବା ପାଇଁ କିଛିଟା କୋହଳ କରାଯାଇଛି। କିନ୍ତୁ ଜମି ରିଅଲ ଇଷ୍ଟେଟ ଉଦ୍ଦେଶ୍ୟରେ ବ୍ୟବହାର ହେଉଥିଲେ ଓରେରାରେ ନାମ ପଞ୍ଜୀକରଣ କରିବା ପରେ ତହସିଲ କିମ୍ବା ପୌରପାଳିକାରେ ଜମିର ସମସ୍ତ ପ୍ଲାନ ଦାଖଲ କରିବାକୁ ପଡ଼ିବ। କିଛି ଜମି ଦଲାଲ ଚାଷଜମିକୁ ପାର୍ଟ ପ୍ଲଟ୍ କରି ବିକ୍ରି କରି ଲୋକଙ୍କୁ ଠକୁଛନ୍ତି। ଏନେଇ ଆସିଥିବା ଅଭିଯୋଗର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମନ୍ତ୍ରୀ କହିଛନ୍ତି। ସବିଶେଷ ସମୀକ୍ଷା ପାଇଁ ବିଧାନସଭା ପରେ କେନ୍ଦୁଝର ଗସ୍ତ କରିବେ। ବେଆଇନ ପାର୍ଟ ପ୍ଲଟ୍ କରି କିଣାବିକା ହୋଇଥିଲେ, ତାଙ୍କୁ ଜାଗାର ସ୍ଥିତି ସହ ହୋଇଥିବା ବେଆଇନ କାମର ସୂଚନା ଦେଲେ ଏହାର ତଦନ୍ତ କରିବା ପାଇଁ ଭୁବନେଶ୍ୱରରୁ ଏକ ଉଚ୍ଚସ୍ତରୀୟ ଟିମ୍ ପଠାଇବେ। ରାଜସ୍ୱ ମନ୍ତ୍ରୀଙ୍କ ଏଭଳି ବୟାନ ପରେ ଜମି ମାଫିଆ ଓ ସେମାନଙ୍କୁ ସହାୟତା କରୁଥିବା ସରକାରୀ ଅଧିକାରୀଙ୍କ ମଧ୍ୟରେ ଛନକା ପଶିଛି। ପ୍ରକାଶ ଯେ, କେନ୍ଦୁଝର ମାଷ୍ଟରପ୍ଲାନ ଅଞ୍ଚଳରେ ୬୩ଟି ମୌଜା ରହିଛି। ମାଷ୍ଟରପ୍ଲାନ ଅଞ୍ଚଳରେ ଶତାଧିକ ଏକର ଜମି ଓରେରାଠାରୁ ଅନୁମତି ନ ନେଇ ଏକର ଏକର ଚାଷଜମି ରିଅଲ ଇଷ୍ଟେଟ ଉଦ୍ଦେଶ୍ୟରେ ପ୍ଲଟିଂ ହୋଇ ବିକ୍ରି ହେଉଛି। ଗ୍ରୀନ୍ ଜୋନ୍‌ରେ ଚାଷଜମିକୁ ଭାଗ ଭାଗ କରି ବିକ୍ରି ପରେ କିସମ ବଦଳାଯାଇଛି। ଚାଷଜମି ରେଜେଷ୍ଟ୍ରି ବେଳେ ବିକ୍ରେତା ଓ କ୍ରେତା କୌଣସି ପ୍ଲଟିଂ ସ୍କିମ୍‌ରେ ଜମି କିଣାବିକା କରୁନାହାନ୍ତି ବୋଲି ଘୋଷଣାନାମା ଦେଉଛନ୍ତି। ମାତ୍ର ଚାଷ ଜମି ବିକ୍ରି ପରେ ଉକ୍ତ ଜମିରେ ରାସ୍ତା ନିର୍ମାଣ ହୋଇ ଘର ହେଉଛି। କେନ୍ଦୁଝର ମାଷ୍ଟରପ୍ଲାନ ଅଞ୍ଚଳରେ ଚାଷଜମିରେ ଘର ନିର୍ମାଣ ହେଉଥିବାରୁ ଅଧିକ ବର୍ଷା ହେଲେ କେନ୍ଦୁଝର ସହର ଜଳାର୍ଣ୍ଣବ ହେବାର ଆଶଙ୍କା ରହିଛି। ନାଳ, ମାହାରା, ଠାକୁରଙ୍କ ଜମି, ଗୋଚର ଜମି ଏବଂ ସରକାରୀ ଜମି ଜବରଦଖଲ କରି ମାଟି ପକାଇ ରାସ୍ତା କରୁଥିଲେ ମଧ୍ୟ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବାରୁ ସେମାନଙ୍କୁ ଏପରି କାର୍ଯ୍ୟ ବେଶ୍ ସୁହାଉଛି। କେନ୍ଦୁଝର ମାଷ୍ଟରପ୍ଲାନ ଅଞ୍ଚଳରେ ନିୟମ ଉଲ୍ଲଂଘନ କରି ବେଆଇନ ଭାବେ ପାର୍ଟ ପ୍ଲଟ୍ କରାଯାଇ ଜମି ବିକ୍ରି ହେଉଥିବା ନେଇ ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା।

# ନିଶାମୁକ୍ତ ସମାଜ ଗଠନ ପାଇଁ ପ୍ରୟାସ




## ନୂଆଗାଁ ବିଦ୍ୟାଳୟରେ ସଚେତନତା କାର୍ଯ୍ୟକ୍ରମ

ବଞ୍ଚୋ, ୧।୩(ପ୍ରଦୋଷ କୁମାର ବିଶ୍ୱାଳ)

ସାମାଜିକ ଅନୁଷ୍ଠାନ 'ଦିଶା' ପକ୍ଷରୁ ନୂଆଗାଁ ବିଦ୍ୟାଳୟ ପରିସରରେ 'ନିଶାମୁକ୍ତ ଭାରତ' ଅଭିଯାନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଭବିଷ୍ୟତର ନାଗରିକଙ୍କୁ ନିଶାର କୁପରିଣାମ ସମ୍ପର୍କରେ ସଚେତନ କରାଇବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଚିତ୍ରାଙ୍କନ, କୁଇଜ ଓ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଅଂଶଗ୍ରହଣ କରିଥିବା କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରି ଉତ୍ସାହିତ କରିଥିଲେ। ଦିଶା ଅନୁଷ୍ଠାନର ସମ୍ପାଦକ ସଂଜୀବ କୁମାର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ନିଶା ବିରୋଧରେ ଆନ୍ଦୋଳନକୁ ବ୍ୟାପକ କରିବା ପାଇଁ ଆହ୍ୱାନ ଦେଇଥିଲେ। ସେହିପରି ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପବିତ୍ର ମୋହନ ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଶିକ୍ଷା ଓ ଅନୁଶାସନ ମଧ୍ୟରେ ରହିବାକୁ ପରାମର୍ଶ ଦେଇଥିଲେ। ଦିଶାର ପ୍ରକଳ୍ପ ସଂଯୋଜକ ଅମୀୟ କୁମାର ସା କାର୍ଯ୍ୟକ୍ରମର ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ସଚେତନତା କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ଅଞ୍ଜଳି, ଦୀପାଞ୍ଜଳି ଓ ମୋନାଲିଶା ଛାତ୍ରଛାତ୍ରୀଙ୍କୁ ନିଶା ନିବାରଣ ଉପରେ ଦିଗଦର୍ଶନ ଦେଇଥିଲେ। ସମଗ୍ର କାର୍ଯ୍ୟକ୍ରମ ପରିଚାଳନାରେ ଦିଶାର ସାମାଜିକ କର୍ମୀ ରାଜନାରାୟଣ ରାଉତ, ବୈକୁଣ୍ଠ ସାହୁ ଓ ରାଜଲକ୍ଷ୍ମୀ ସାହୁ ସହଯୋଗ କରିଥିଲେ।

# ସାମାଜିକ କର୍ମୀ ଅରୁଣ ଜେନା ସମ୍ମାନିତ

ବଉଳା,୧।୩(ଦୁର୍ଗା ପ୍ରସାଦ ଆୟଚ)




କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ସଢା ପଞ୍ଚାୟତ ମୌଦା ଗ୍ରାମର ସାମାଜିକ କର୍ମୀ ତଥା କଳା, ସାହିତ୍ୟ, ସଂସ୍କୃତିର ପୂଜାରୀ ଅରୁଣ କୁମାର ଜେନାଙ୍କୁ ଆନ୍ତର୍ଜାତୀୟ ମାନବିକ ଅଧିକାର ସଂସ୍ଥା ପକ୍ଷରୁ ଯାଜପୁରଠାରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନସୂଚକ ଡକ୍ଟରେଟ ଉପାଧିରେ ସମ୍ମାନିତ କରାଯାଇଛି। ସେ ବନ୍ୟା, ବାତ୍ୟା ଓ କୋଭିଡ ସମୟରେ ସ୍ୱେଚ୍ଛାକୃତ ସେବା ପ୍ରଦାନ କରି ଓଡିଶା ସରକାରଙ୍କ ତରଫରୁ ସମ୍ମାନପତ୍ର ଅଧିଗ୍ରହଣ କରିଥିଲେ। ସେ ଚାକିରୀ ଓ ଅଭିନୟରୁ ମିଳୁଥିବା ଅର୍ଥରାଶିର ୫୦ପ୍ରତିଶତ ଅନାଥ ଆଶ୍ରମ, ବୃଦ୍ଧାଶ୍ରମ ଓ ସମାଜ ସେବାରେ ନିୟୋଜିତ କରିଥାନ୍ତି। ସେ ଏବେ ବାଙ୍ଗାଲୋରଠାରେ ଏକ ସଫ୍ଟୱେୟାର କମ୍ପାନୀରେ ଟିମ୍ ମ୍ୟାନେଜର ଭାବେ କାର୍ଯ୍ୟରତ ଅଛନ୍ତି। ତାଙ୍କର ଏତାଦୃଶ କଳା, ସାହିତ୍ୟ ଓ ସେବା ମନୋବୃତ୍ତି କାର୍ଯ୍ୟ ପାଇଁ ଏହି ସମ୍ମାନସୂଚକ ଉପାଧି ମିଳିଥିବାରୁ ପ୍ରଶଂସକ ଏବଂ ଏ ଅଂଚଳର ଶିକ୍ଷାବିତ୍ ତାଙ୍କୁ ପ୍ରଶଂସା କରିଛନ୍ତି।

# କୋହ୍ଲ ହୁଣ୍ଡୁଳା ବିଦ୍ୟାଳୟର ବାର୍ଷିକୋତ୍ସବ

ଯୋଡ଼ା,୧।୩(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍ ଅଧୀନ ଅଂସେଇକଳା ଗ୍ରାମ ପଞ୍ଚାୟତ କୋହ୍ଲ ହୁଣ୍ଡୁଳା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଚୌଧୁରୀ ତନ୍ତୀଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ୨୮ନଂ. ଜୋନ ଜିଲା ପରିଷଦ ସଦସ୍ୟ ଡମ୍ବରୁଧର କୁଦାଦା, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷକ ଭିକାରୀ ଚରଣ ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକ ରମାକାନ୍ତ ଗିରି ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଶିକ୍ଷକ ଦିବ୍ୟ ରଞ୍ଜନ ଦଳେଇ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ ବିଭୂତି ଭୂଷଣ ମହାନ୍ତ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସମସ୍ତ ଶିକ୍ଷୟିତ୍ରୀ ଓ ଶିକ୍ଷକୟ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

# ମନ୍ତ୍ରୀଙ୍କୁ ଭେଟିଲେ ସ୍କୁଲ ପରିଚାଳନା କମିଟି କର୍ମକର୍ତ୍ତା

କେନ୍ଦୁଝର, ୧।୩ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝରଗଡ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଓ ବିଦ୍ୟାମନ୍ଦିର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିଚାଳନା ସମିତିର କର୍ମକର୍ତ୍ତା ରବିବାର ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ଭେଟିଛନ୍ତି। ଉପସଭାପତି ପ୍ରିୟବ୍ରତ ସାମଲ, ସମ୍ପାଦକ ସୁଧାଂଶୁ ଶେଖର ପଣ୍ଡା, କୋଷାଧ୍ୟକ୍ଷ ବିଜୟ କୁମାର ଦୀକ୍ଷିତ, ପ୍ରଧାନଆଚାର୍ଯ୍ୟ ଅଲେଖ ମହାନ୍ତ, ଅଭିଭାବକ ସୁଧୀର କୁମାର ନନ୍ଦ ପ୍ରମୁଖ କେନ୍ଦୁଝର ସର୍କିଟ ହାଉସରେ ମନ୍ତ୍ରୀଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ନୂତନ ଭାବେ ଅନୁମତି ପାଇଥିବା + ୨ ବିଜ୍ଞାନ ଓ ବାଣିଜ୍ୟ କଲେଜ ଭିତ୍ତିଭୂମିର ବିକାଶ ନିମନ୍ତେ ସହାୟତା ପାଇଁ ନିବେଦନ କରିଥିଲେ। ବିଦ୍ୟାଳୟକୁ ସହଯୋଗ ପ୍ରଦାନ କରିବେ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି।

# ଜମି ଅଧିଗ୍ରହଣ,ରାଜସ୍ୱ ବ୍ୟବସ୍ଥାର ସମୀକ୍ଷା

## ରାଜସ୍ୱ ମନ୍ତ୍ରୀଙ୍କ କେନ୍ଦୁଝର ଗସ୍ତ

କେନ୍ଦୁଝର,୧।୩ (ନରେଶ ଚନ୍ଦ୍ର ପଟ୍ଟନାୟକ/ ଦୀପକ ମିଶ୍ର)



କେନ୍ଦୁଝର ସର୍କିଟ ହାଉସରେ ଅନୁଷ୍ଠିତ ବୈଠକରେ ମନ୍ତ୍ରୀ ସୁରେଶ ପୂଜାରୀ ଅଧିକାରୀ ଓ ବିଧାୟକଙ୍କ ସହ ଆଲୋଚନା କରୁଛନ୍ତି।

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ରବିବାର କେନ୍ଦୁଝର ଜିଲା ଗସ୍ତ କରି ବିଭିନ୍ନ ସରକାରୀ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି। ପୂର୍ବ ନିର୍ଦ୍ଧାରିତ ସୂଚୀ ଅନୁଯାୟୀ ମନ୍ତ୍ରୀ ସକାଳେ ସମ୍ବଲପୁରରୁ ବାହାରି ଘଟଗାଁରେ ପହଞ୍ଚି ମା' ତାରିଣୀଙ୍କୁ ଦର୍ଶନ କରିଥିଲେ। ମଧ୍ୟାହ୍ନରେ ମନ୍ତ୍ରୀ କେନ୍ଦୁଝର ସର୍କିଟ ହାଉସରେ ପହଞ୍ଚି ଜିଲାସ୍ତରୀୟ ରାଜସ୍ୱ ବ୍ୟବସ୍ଥା ଏବଂ ବିଭିନ୍ନ ପ୍ରକଳ୍ପ ପାଇଁ ଚାଲିଥିବା ଜମି ଅଧିଗ୍ରହଣ ପ୍ରକ୍ରିୟାର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଛନ୍ତି।

ପ୍ରାୟ ୩୧୨.୮୭ କୋଟି ଟଙ୍କା ବ୍ୟୟରେ ହେବାକୁ ଥିବା ତାରିଣୀ ମନ୍ଦିର ଉନ୍ନୟନ ପ୍ରକଳ୍ପ ପାଇଁ ମୋଟ ୬୨.୬ ଏକର ଜମିର ଆବଶ୍ୟକତା ରହିଛି। ସେଥିମଧ୍ୟରୁ ୧୩.୫ ଏକର ସରକାରୀ ଜମି ଏବଂ ୧୫.୩୫ ଏକର ବେସରକାରୀ ଜମିର ଚିହ୍ନଟ ପ୍ରକ୍ରିୟା ଶେଷ ହୋଇଛି। ବର୍ତ୍ତମାନ ସୁଦ୍ଧା ଯାତ୍ରୀ ନିବାସ ଓ ପ୍ରସାଦ ସେବନ ହଲ୍ ପାଇଁ ମାଟି ପରୀକ୍ଷା ସରିଥିବା ବେଳେ ୪୦ ପ୍ରତିଶତ ଜମି ନିର୍ମାଣକାରୀ ସଂସ୍ଥାକୁ ହସ୍ତାନ୍ତର କରାଯାଇଛି। ବିଶେଷକରି ପାଟଣା ମେଗା ଷ୍ଟିଲ୍ ପ୍ଲାଣ୍ଟ ପାଇଁ ଆବଶ୍ୟକ ହେଉଥିବା ୨୪୦୭.୩୬ ଏକର ଜମି ଅଧିଗ୍ରହଣ ପ୍ରକ୍ରିୟା ଉପରେ ମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ। ଏହି ପ୍ରକଳ୍ପରେ ପାଟଣା ବ୍ଲକ ଅଧୀନ ଚେମଣା ଓ ଯମୁନାପୋଷୀ ପଞ୍ଚାୟତର ୧୨ଟି ଗ୍ରାମ ଅନ୍ତର୍ଭୁକ୍ତ ହେଉଥିବାରୁ ସାମାଜିକ ପ୍ରଭାବ ଆକଳନ ପାଇଁ ପାଣ୍ଠି ପ୍ରଦାନ କରାଯାଇଛି। ମନ୍ତ୍ରୀ କେବଳ ପୃଥକ୍ ଭାବେ ଯୋଜନା କରିବା ଯଥେଷ୍ଟ ନୁହେଁ, ବରଂ ବିଭିନ୍ନ ସରକାରୀ ଯୋଜନାର ସମନ୍ୱୟ ବା ଇଣ୍ଟିଗ୍ରେଶନ ଜରୁରୀ। ଏହାଦ୍ୱାରା ଜଣେ ହିତାଧିକାରୀ ସମସ୍ତ ସୁବିଧା ଏକାସାଙ୍ଗରେ ପାଇପାରିବେ। ଜମିହୀନଙ୍କ ପାଇଁ ସ୍ୱତନ୍ତ୍ର 'ଲେ-ଆଉଟ' ବ୍ୟବସ୍ଥାରେ ଯେଉଁ ଲୋକଙ୍କ ପାଖରେ ନିଜସ୍ୱ ଜମି ନାହିଁ, ସେମାନଙ୍କ ପାଇଁ ସରକାରୀ ସିଙ୍ଗଲ ଜାଗାରେ ଏକ ମାଷ୍ଟରପ୍ଲାନ ବା 'ଲେ-ଆଉଟ' ପ୍ରସ୍ତୁତ କରାଯିବ। ପ୍ରଶାସନ ପକ୍ଷରୁ ସେହି ସ୍ଥାନରେ ଘର ପାଇଁ ପ୍ଲଟ୍ ଚିହ୍ନଟ କରି ସେଥିରେ ଆବଶ୍ୟକ ରିମାର୍କ ପ୍ରଦାନ କରାଯିବ। ଫଳରେ ସେମାନେ ସେଠାରେ ସ୍ଥାୟୀ ଭାବେ ବସବାସ କରିପାରିବେ। ଏହି ବ୍ୟବସ୍ଥାକୁ 'ଅନ୍ତ୍ୟୋଦୟ ଗୃହ ଯୋଜନା' ସହ ଯୋଡ଼ିବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହାଦ୍ୱାରା ରାଜ୍ୟର ଅତି ଗରିବ ଶ୍ରେଣୀର ଲୋକେ ଜମି ପାଇବା ସହ ସରକାରୀ ସହାୟତାରେ ପକ୍କାଘର ନିର୍ମାଣ କରିପାରିବେ। ଏହି ପଦକ୍ଷେପ ଲୋକଙ୍କର ବହୁଦିନର କଷ୍ଟ ଦୂର କରିବ ବୋଲି ସେ ଆଶା ପ୍ରକଟ କରିଛନ୍ତି। ବର୍ତ୍ତମାନର ବାଲି ଘାଟ ନିଲାମ ପ୍ରକ୍ରିୟା ପରିବର୍ତ୍ତେ ଏଣିକି 'ଇ-ଲଟେରି' ବ୍ୟବସ୍ଥା କରାଯିବ। ଏହି ବ୍ୟବସ୍ଥାରେ ବାଲିର ଏକ ସର୍ବାଧିକ ଦର ସରକାରଙ୍କ ଦ୍ୱାରା ଧାର୍ଯ୍ୟ କରାଯିବ। ଏହାଦ୍ୱାରା ବଜାରରେ ବାଲିର ଦର ନିୟନ୍ତ୍ରଣରେ ରହିବ। ତହସିଲ ସ୍ତରରେ ଇ-ଲଟେରି ପ୍ରକ୍ରିୟା ପରିଚାଳନା କରିବା ଏବଂ ଲିଜ୍ ପ୍ରଦାନ କରିବା ଏହି ବିଭାଗର ଦାୟିତ୍ୱ ବୋଲି ବୈଠକରେ ମନ୍ତ୍ରୀ କହିଛନ୍ତି। ଅତିରିକ୍ତ ଜିଲାପାଳ(ସାଧାରଣ) ମନ୍ଦରଧର ମହାଲିକ, ଅତିରିକ୍ତ ଜିଲାପାଳ(ରାଜସ୍ୱ) ରବୀନ୍ଦ୍ର କୁମାର ପ୍ରଧାନ, ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାୟକ, ତେଲକୋଇ ବିଧାୟକ ଡ. ଫକୀର ମୋହନ ନାୟକ, କେନ୍ଦୁଝର ଉପଜିଲାପାଳ ଉମାକାନ୍ତ ଦଳାଇ, ଚମ୍ପୁଆ ଉପଜିଲାପାଳ ଉମାକାନ୍ତ ପରିଡ଼ାଙ୍କ ସହ ବିଭିନ୍ନ ବ୍ଲକ୍‌ରୁ ତହସିଲଦାର ଓ ବିଭାଗର ଉପରିସ୍ଥ କର୍ମଚାରୀ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ।

